**ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ- ୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ ଜୟପୁର ବିମାନ ଧାବନପଟ୍ଟିକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ସ୍ୱତନ୍ତ୍ର ବହୁଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା. ୨୦.୦୨.୨୦୨୦ରିଖ ଅପରାହ୍ନ ଘ. ୦୪.୦୦ ମି. ସମୟରେ ଉପ-ଜିଲ୍ଲାପାଳ, ଜୟପୁରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ବିବରଣୀ ।**

ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ ଜୟପୁର ବିମାନ ଧାବନପଟ୍ଟିକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କରିବା ପ୍ରକଳ୍ପ ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ସ୍ୱତନ୍ତ୍ର ବହୁଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ବୈଠକ ଉପ-ଜିଲ୍ଲାପାଳ, ଜୟପୁରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ସଦସ୍ୟ ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ଶ୍ରୀ ଦେବେନ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ବିଶେଷଜ୍ଞ ଗୋଷ୍ଠୀ, କୋରାପୁଟ

୨. ଶ୍ରୀ କୃଷ୍ଣ ସିଂହ, ସାମାଜିକ କର୍ମୀ-ସଦସ୍ୟ

୩. ଶ୍ରୀ ଗଦାଧର ପରିଡା, ପୁନର୍ବାସ ବିଶେଷଜ୍ଞ-ସଦସ୍ୟ

୪. ଶ୍ରୀ ସୁଧାକର ପଟ୍ଟନାୟକ, ପୁନର୍ବାସ ବିଶେଷଜ୍ଞ-ସଦସ୍ୟ

୫. ଶ୍ରୀ ବୈଦ୍ୟନାଥ ନାୟକ , ସରପଞ୍ଚ, ଉମୁରି

୫. ଶ୍ରୀ ଲୋକନାଥ ଦଳବେହେରା, ଭୂ-ଅର୍ଜନ ଅଧିକାରୀ-ତଥା-ଉପ-ଜିଲ୍ଲାପାଳ, ଜୟପୁର, ଆବାହକ ସଦସ୍ୟ

୬. ସମ୍ପାଦକ, ଶ୍ରୀଯୁକ୍ତ ଅଶୋକ କୁମାର ନାୟକ, GRROW, ଜଗତସିଂହପୁର

୭. ଅଧିକ୍ଷଣ ଯନ୍ତ୍ରୀ (କୋଠାବାଡି), ଜୟପୁର ମଣ୍ଡଳ ବୈଷୟିକ ବିଶେଷଜ୍ଞ ସଦସ୍ୟ

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ତାହା ପରେ ଭୂ-ଅର୍ଜନ ଅଧିକାରୀ ତଥା ଉପ-ଜିଲ୍ଲାପାଳ, ଜୟପୁର, ବୈଠକର ଉଦ୍ଦେଶ୍ୟ ବିଷୟରେ ବିଶଦ ସୂଚନା ପ୍ରଦାନ କରିଥିଲେ । ପ୍ରକଳ୍ପ ର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀ ର ଭୂମିକା ତଥା ବୈଠକରେ ବିଚାର୍ଯ୍ୟ ବିଷୟ, ବସ୍ତୁ ଓ ନିଷ୍ପତ୍ତି ସମ୍ପର୍କେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ ଗୋଷ୍ଠୀର ଅଧକ୍ଷ, ସମ୍ୟକ ସୂଚନା ଦେଇଥିଲେ।

ଜୟପୁର ବିମାନ-ଧାବନ ପଟ୍ଟିର ସଂଯୋଗ କରୁଥିବା ରାସ୍ତା ଏକାନ୍ତ ଆବଶ୍ୟକ ଥିବା ହେତୁ ଆବଶ୍ୟକ ଭୂମି ଅଧିଗ୍ରହଣ କରିଯିବା ପାଇଁ ସମସ୍ତେ ସମ୍ମତି ପ୍ରଦାନ କରିଥିଲେ ।

ଓଡିଶା ଭୂ- ଅର୍ଜନ, ପୁନର୍ବାସ ଓ ଥଇଥାନ ରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ- ୨୦୧୩ ର ଦ୍ବିତୀୟ ଅନୁସୂଚୀର କ୍ରମାଙ୍କ ୨ ମୁତାବକ ଭୂମି ହରାଉଥିବା ବ୍ୟକ୍ତିମାନଙ୍କୁ ସମ ପରିମାଣରେ ଚାଷ ଜମି ଯୋଗାଇ ଦିଆଯିବା ଉଚିତ ଓ ଧାରା ୨୬ (ବି) ମୁତାବକ କ୍ଷତିପୂରଣ ପ୍ରଦାନ କରାଯିବା ପାଇଁ ମତବ୍ୟକ୍ତ କରିଥିଲେ ।

ପୁନଶ୍ଚ, ଯେହେତୁ ସମ୍ପୃକ୍ତ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ହେତୁ କୌଣସି ଜନବସତିର ବିସ୍ଥାପନ ଆବଶ୍ୟକ ହେଉନାହିଁ ଏବଂ କେବଳ ଏ. ୩.୩୨ଡି ବ୍ୟକ୍ତିଗତ ମାଲିକାନାରେ ଥିବା ଚାଷ ଜମି ଆବଶ୍ୟକ ହେଉଅଛି, ଏହି କ୍ଷେତ୍ରରେ ବିଶେଷ ପ୍ରତିକୂଳ ସାମାଜିକ ପ୍ରଭାବ ପଡିବ ନାହିଁ ବୋଲି ମତବ୍ୟକ୍ତ କରି ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରସ୍ତାବ କରିଥିଲେ । ଯଥା:

(କ) ସତ୍ୟବତି ସଉରୁଣୀ, ପିତା- ଡମ୍ବରୁ ସଉରା ଜଣାଇଥିବା ପ୍ଲଟ ନଂ - ୧୫୮ ଖାତା ନଂ – ୭୫/୧୯୮ ର ଦାବିଦାର ଏବଂ ଉକ୍ତ ପ୍ଲଟ ୧୫୮ରେ ଖାତା ନଂ- ୧୬ରେ ବାଲାଜି ସୌରା ଦାବିଦାର ଅଛନ୍ତି ବୋଲି ଦର୍ଶାଇଥିଲେ । ଏଣୁ ସରକାଙ୍କ ତରଫରୁ ଉକ୍ତ ପ୍ଲଟକୁ ଡିମାର୍କେସନ କରାଯାଇ ସଠିକ ଦାବିଦାରଙ୍କୁ କ୍ଷତିପୂରଣ ଦିଆଯିବା ପାଇଁ ସମସ୍ତେ ସହମତ ହୋଇଥିଲେ ।

(ଖ) ବାଲାଜି ସଉରା ଜଣାଇଥିଲେ ଯେ, ସେ ଜମିକୁ ବିଗତ ୫୦ ବର୍ଷ ହେବ ଖଜଣା ଦେଉଅଛନ୍ତି, ତେଣୁ ଏ ବାବଦରେ ତାଙ୍କୁ ଉଚିତ କ୍ଷତିପୂରଣ ଦିଆଯାଉ। ଏଣୁ ସରକାଙ୍କ ତରଫରୁ ଉକ୍ତ ପ୍ଲଟର ସମ୍ପୂର୍ଣ୍ଣ ତଥ୍ୟ ହାସଲ କରି ସଠିକ ଦାବିଦାରଙ୍କୁ କ୍ଷତିପୂରଣ ଦିଆଯିବା ପାଇଁ ସମସ୍ତେ ସହମତ ହୋଇଥିଲେ ।

(ଗ) ଗ୍ରାମବାସୀ ମାନଙ୍କ ଦ୍ବାରା ପ୍ରତ୍ୟେକ ଗ୍ରାମରେ ଗୋଟିଏ ଗୋଟିଏ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଅନୁରୋଧ ପରିପ୍ରେକ୍ଷୀରେ ସଦସ୍ୟ ମାନେ ମତ ବ୍ୟକ୍ତ କରିଥିଲେ ଯେ, ସଂପୃକ୍ତ ଗ୍ରାମର କୌଣସି ଗୋଷ୍ଠୀକେନ୍ଦ୍ର ଭୂ-ଅଧିଗ୍ରହଣରେ କ୍ଷତିଗ୍ରସ୍ତ ହେଉନଥିବାରୁ, ତାହାର ନିର୍ମାଣ ସକାଶେ ଜିଲ୍ଲାପାଳ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଉଚିତ ବୋଲି ପ୍ରସ୍ତାବ ରଖିଥିଲେ ।

ସଭାଶେଷରେ ଆବାହକ ସଦସ୍ୟ ତଥା ଉପ-ଜିଲ୍ଲାପାଳ, ଜୟପୁର ସମସ୍ତଙ୍କୁ ସେମାନଙ୍କର ସଦୟ ଯୋଗଦାନ ତଥା ସକ୍ରିୟ ସ୍ୱାଧୀନମତ ବ୍ୟକ୍ତ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ବିଶେଷଜ୍ଞ ଗୋଷ୍ଠୀ,
Addl. District Magistrate
KORAPUT
କୋରାପୁଟ

# ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର ।

( ଭୂ-ଅର୍ଜନ ବିଭାଗ )

## ବିଜ୍ଞାପନ

ସଂଖ୍ୟା 1954 /୨୦୨୦ ତାରିଖ 06.03.2020

ଓଡ଼ିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ ଜୟପୁର ବିମାନ ଧାବନପଟ୍ଟିକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ସ୍ୱତନ୍ତ୍ର ବହୁଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା. ୨୦.୦୨.୨୦୨୦ରିଖ ଅପରାହ୍ନ ଘ. ୪.୦୦ ମି. ସମୟରେ ଉପ-ଜିଲ୍ଲାପାଳ, ଜୟପୁରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ବିବରଣୀ ଓ ସୁପାରିଶ ସମ୍ପର୍କୀୟ ବିଜ୍ଞାପନ, ଉପରୋକ୍ତ ଆଇନ ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏତଦ୍ୱାରା ସଂଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ଓଡ଼ିଶା ରାଜ୍ୟ ସରକାର ଏବଂ କୋରାପୁଟ ଜିଲ୍ଲାପାଳଙ୍କ ୱେବସାଇଟ ରେ ଉପଲବ୍ଧ ହେବ ।

ଜଗନ୍ନାଥ ପଲାଟେଲେୟା 06.03.2020

ଭୂ-ଅର୍ଜନ ଅଧିକାରୀ ତଥା ଉପ-ଜିଲ୍ଲାପାଳ, ଜୟପୁର

Land Acquisition Collector -cum-Sub-Collector, Jeypore

ଜ୍ଞାପକ ସଂଖ୍ୟା 1955 /୨୦୨୦ ତାରିଖ 06.03.2020

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

ଜଗନ୍ନାଥ ପଲାଟେଲେୟା 06.03.2020

ଭୂ-ଅର୍ଜନ ଅଧିକାରୀ ତଥା ଉପ-ଜିଲ୍ଲାପାଳ, ଜୟପୁର

Land Acquisition Collector -cum-Sub-Collector, Jeypore

ଜ୍ଞାପକ ସଂଖ୍ୟା 1956 /୨୦୨୦ ତାରିଖ 06.03.2020

ଏହାର ଏକକିତା ନକଲ ସମ୍ପାଦକ, **GRROW,** ଜଗତସିଂପୁର / ଗୋଷ୍ଠି ଉନ୍ନୟନ ଅଧିକାରୀ, ଜୟପୁର / ତହସିଲଦାର, ଜୟପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣା କରାଗଲା । ତହସିଲଦାର, ଜୟପୁରଙ୍କୁ ବିଜ୍ଞାପନର ଦୁଇକିତା ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଉକ୍ତ ବିଜ୍ଞାପନର ଗୋଟିଏ ନକଲ ସୌରାଗୁଡା ମୌଜାର ଅନ୍ତତ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରି ଜାରିକୃତ ନକଲ ଏହି କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

ଜଗନ୍ନାଥ ପଲାଟେଲେୟା 06.03.2020

ଭୂ-ଅର୍ଜନ ଅଧିକାରୀ ତଥା ଉପ-ଜିଲ୍ଲାପାଳ, ଜୟପୁର

Land Acquisition Collector -cum-Sub-Collector, Jeypore

ଜ୍ଞାପକ ସଂଖ୍ୟା ୧୯୫୭ /୨୦୨୦ ତାରିଖ 06.03.2020

ଏହାର ଏକକିତା ନକଲ ସରପଞ୍ଚ, ଉମୁରୀ ଗ୍ରାମପଞ୍ଚାୟତଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣା କରାଗଲା ।

ଭୂ-ଅର୍ଜନ ଅଧିକାରୀ-ତଥା-ଉପ-ଜିଲ୍ଲାପାଳ, ଜୟପୁର
Land Acquisition Collector -cum-Sub-Collector, Jeypore

ଜ୍ଞାପକ ସଂଖ୍ୟା ୧୯୫୮ /୨୦୨୦ ତାରିଖ 06.03.2020

ଏହାର ଏକକିତା ନକଲ ଯୁଗ୍ମସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓଡିଶା/ ଯୁଗ୍ମସଚିବ, ସାଧାରଣ ପ୍ରଶାସନ ବିଭାଗ ଓଡିଶା/ ଯୁଗ୍ମସଚିବ, ପୂର୍ତ୍ତ ବିଭାଗ ଓଡିଶା, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣା କରାଯାଇ ଓଡିଶା ସରକାରଙ୍କ ୱେବସାଇଟରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା ।

ଭୂ-ଅର୍ଜନ ଅଧିକାରୀ-ତଥା-ଉପ-ଜିଲ୍ଲାପାଳ, ଜୟପୁର
Land Acquisition Collector -cum-Sub-Collector, Jeypore

ଜ୍ଞାପକ ସଂଖ୍ୟା ୧୯୫୯ /୨୦୨୦ ତାରିଖ 06.03.2020

ଏହାର ଏକକିତା ନକଲ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ, କାର୍ଯ୍ୟାଳୟ, ବ୍ରହ୍ମପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣା କରାଗଲା ।

ଭୂ-ଅର୍ଜନ ଅଧିକାରୀ-ତଥା-ଉପ-ଜିଲ୍ଲାପାଳ, ଜୟପୁର
Land Acquisition Collector -cum-Sub-Collector, Jeypore

ଜ୍ଞାପକ ସଂଖ୍ୟା ୧୯୬୦ /୨୦୨୦ ତାରିଖ 06.03.2020

ଏହାର ଏକକିତା ନକଲ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି ମଣ୍ଡଳ, ଜୟପୁର/ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି ବିଭାଜନ, ଜୟପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣା କରାଗଲା ।

ଭୂ-ଅର୍ଜନ ଅଧିକାରୀ-ତଥା-ଉପ-ଜିଲ୍ଲାପାଳ, ଜୟପୁର
Land Acquisition Collector -cum-Sub-Collector, Jeypore

ଜ୍ଞାପକ ସଂଖ୍ୟା ୧୯୬୧ /୨୦୨୦ ତାରିଖ 06.03.2020

ଏହାର ଏକକିତା ନକଲ ଜିଲ୍ଲାପାଳ, କୋରାପୁଟଙ୍କ ନୋଟିସ ବୋର୍ଡ/ DIO, NIC, କୋରାପୁଟଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, କୋରାପୁଟଙ୍କ ୱେବସାଇଟରେ ତୁରନ୍ତ ପ୍ରକାଶନ କରିବେ ।

ଭୂ-ଅର୍ଜନ ଅଧିକାରୀ-ତଥା-ଉପ-ଜିଲ୍ଲାପାଳ, ଜୟପୁର
Land Acquisition Collector -cum-Sub-Collector, Jeypore